# କୃଷି ସୂଚନା ସେବା (ଧାନ)
# କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

**୨୦୧୫ ମସିହା ଜାନୁୟାରୀ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଖରାଦିନିଆ ରୁଆ ଧାନ ଭାବରେ ବିଭିନ୍ନ କିସମ ଯଥା ନବୀନ, ଶତାବ୍ଦୀ, ଚନ୍ଦନ, ସି.ଆର.ଧାନ-୬୦୧, ଲଲାଟ, MTU-1010, MTU-1001, ଲୁଣା ସଂଖୀ(ଉପକୂଳବର୍ତ୍ତୀ ଲୁଣା ଜମିପାଇଁ) ଏବଂ ଶଙ୍କର କିସମ ଯଥା ଅଜୟ ଏବଂ ରାଜଲକ୍ଷ୍ମୀ କିସମ ବ୍ୟବହାର କରନ୍ତୁ । ସିଧା ବୁଣାଥିଲେ ଖରାଦିନିଆ ଧାନ ଭାବରେ ନବୀନ, ଶତାବ୍ଦୀ, ଖଣ୍ଡଗିରୀ, MTU-1010 କିସମ ସବୁ ବ୍ୟବହାର କରନ୍ତୁ ।

- ଅଧିକ ଅମଳକ୍ଷମ ଧାନ ପାଇଁ ଏକ ହେକ୍ଟର ଜମିରେ ୪୦-୪୫ କି.ଗ୍ରା ଏବଂ ଶଙ୍କର କିସମ ପାଇଁ ୧୨ ରୁ ୧୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

- ବୁଣିବା ପୂର୍ବରୁ ଧାନ ବିହନକୁ ୧ କି.ଗ୍ରା. ବିହନ ପାଇଁ ୨ ଗ୍ରାମ / ୧ ଲିଟର ପାଣି ହିସାବରେ କାର୍ବେନ୍‌ଡାଜିମ୍ ୫୦W.P (ବାଭିଷ୍ଟିନ୍ ୫୦ W.P) ରେ ବିଶୋଧନ କରନ୍ତୁ । ଧାନ ବିହନକୁ ୧୦ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡାଇ ଛାଣି ଦିଅନ୍ତୁ । ଏହି ଉପଚାର ଧାନ ତଳିକୁ ୪୦ ଦିନ ପର୍ଯ୍ୟନ୍ତ ମହିଷା ରୋଗ ଦାଉରୁ ରକ୍ଷା କରିଥାଏ । ପାଣିରୁ ଛାଣି ଧାନକୁ ଭଲଭାବରେ ଅଖାରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଅନ୍ଧାର ସ୍ଥାନରେ ଘୋଡାଇ ରଖିଲେ ତାହା ଶିଘ୍ର ଗଜା ହୋଇଯାଇଥାଏ ଏବଂ ତାକୁ ସିଧାସଳଖ ଭାବେ ବିଲରେ କିମ୍ବା ତଳିଘରାରେ ବୁଣନ୍ତୁ ।

- ଗଜା ହୋଇଥିବା ଧାନ ତଳିଘରାରେ ଯଥା ଶିଘ୍ର ବୁଣିଦେବା ଆବଶ୍ୟକ । ଏକ ହେକ୍ଟର ଜମିରେ ଧାନ ଚାଷ କରିବାକୁ ଥିଲେ ୮୦୦ ବର୍ଗମିଟର ସ୍ଥାନରେ ତଳିଘରା ଆବଶ୍ୟକ ହୋଇଥାଏ । ତଳିଘରାରେ ୮୦୦ ବର୍ଗମିଟର ସ୍ଥାନ ପାଇଁ ୧୦ କି.ଗ୍ରା. ଯବକ୍ଷାରଯାନ, ୧୦ କି.ଗ୍ରା. ଫସଫରସ୍ ଏବଂ ୧୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶଙ୍କର କିସମ ପାଇଁ ୬୦୦ ବର୍ଗମିଟର ତଳିଘରା ଆବଶ୍ୟକ ପଡିଥାଏ । ସେଥିପାଇଁ ପ୍ରତି ବର୍ଗମିଟର ତଳିଘରାରେ ୨୦ ରୁ ୨୫ ଗ୍ରାମ୍ ଗଜା ହୋଇଥିବା ଧାନ ହିସାବରେ ବୁଣି ତଳିଘରା ପ୍ରସ୍ତୁତ କରନ୍ତୁ ।

- ତଳି ଘରାରେ ୨-୩ ଦିନ ପରେ ହାଲୁକା ଭାବେ ପାଣି ମଡାଇ ଦିଅନ୍ତୁ । ପରବର୍ତ୍ତୀ ପର୍ଯ୍ୟାୟରେ ହାଲୁକା ଭାବେ ନିୟମିତ ବ୍ୟବଧାନରେ ପାଣି ମଡାନ୍ତୁ ।

- ବର୍ଷାଦିନ ଧାନ କଟା ପରେ ଖରାଟିଆ ଛଟାବୁଣା ଧାନ କିମ୍ବା ରୁଆ ଧାନ ପାଇଁ ଜମିରେ ପାଣି ମଡାଇ ଭଲଭାବେ କାଦୁଅ କରିବା ଉଚିତ ।

- ଦ୍ୱିତୀୟ ଥର ପାଇଁ ୭ ରୁ ୧୦ ଦିନ ପରେ କାଦୁଅ କରି ଜମିକୁ ସମତୁଲ କରିଦିଅନ୍ତୁ । ଏହା ଫଳରେ ସମାନ ଭାବରେ ଗଛ ରୁଆଯାଇପାରିବ ।

- ପ୍ରତି ହେକ୍ଟର ପିଛା ୧୦୦:୫୦:୫୦ କି.ଗ୍ରା. ଯବକ୍ଷାରଜାନ:ଫସଫରସ:ପଟାସ୍ ସାର ବ୍ୟବହାର କରନ୍ତୁ । ସେହି ସାରର ଏକଚତୁର୍ଥାଂଶ ଭାଗ ଯବକ୍ଷାରଜାନ, ସମସ୍ତ ଫସ୍‌ଫରସ୍ ଏବଂ ଦୁଇ ତୃତୀୟାଂଶ ପଟାସ୍ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ ।

- ଶଙ୍କର କିସମ ଧାନରେ ହେକ୍ଟର ପିଛା ୧୨୦:୬୦:୬୦ କି.ଗ୍ରା. ଯବକ୍ଷାରଜାନ:ଫସଫରସ:ପଟାସ୍ ବ୍ୟବହାର କରନ୍ତୁ । ସେହି ସାରର ଏକ ଚତୁର୍ଥାଂଶ ଯବକ୍ଷାରଜାନ,ସମସ୍ତ ଫସ୍‌ଫରସ୍ ଏବଂ ତିନି ଚତୁର୍ଥାଂଶ ପଟାସ୍ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ ।

- ଧାଡି ରୁଆ ଧାନରେ ୨୫ ରୁ ୩୦ ଦିନିଆ ତଳି ବୁଦା ପ୍ରତି ୨ ରୁ ୩ ଟି ହିସାବରେ ୧୫ X ୧୫ ସେ.ମି. ବ୍ୟବଧାନରେ ରୋଇବା ଉଚିତ୍ ଏବଂ ଶଙ୍କର କିସମ ଧାନରେ ସମାନ ବ୍ୟବଧାନ ରଖି ବୁଦାପ୍ରତି ୧ ରୁ ୨ ଟି ତଳି ରୋଇବା ଉଚିତ ।

*****